## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ, ହତ୍ୟା ଉଦ୍ୟମ
## ଯୁବକ ଗିରଫ, ୨ ନାବାଳିକା ଜେଜେବିରେ ହାଜର

ବ୍ରହ୍ମପୁର,୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)



ଜଣେ ଯୁବତୀଙ୍କୁ ଅସଦାଚରଣ ସହ ହତ୍ୟା ଉଦ୍ୟମ ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ତ୍ରିବେଣୀ ନଗରର ଅଜୟ କୁମାର ମହାରଣା(୨୩)। ଅସଦାଚରଣ ଘଟଣାରେ ଅଜୟଙ୍କୁ ସହଯୋଗ କରିଥିବା ୨ ନାବାଳିକାଙ୍କୁ ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରିଥିଲା। ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଅଜୟଙ୍କୁ କୋର୍ଟ ନିର୍ଦ୍ଦେଶରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଘଟଣାରୁ ପ୍ରକାଶ ଯେ, ଜୟପୁର ଅଞ୍ଚଳର ଜଣେ ଯୁବତୀ ବ୍ରହ୍ମପୁର ବଡ ବଜାର ଅଞ୍ଚଳରେ ଘରଭଡ଼ା ନେଇ ପ୍ରଥମ ମହଲାରେ ରହୁଥିଲେ। ତଳ ମହଲାରେ ଘର ମାଲିକଙ୍କ ନାବାଳିକା ଝିଅ ଓ ତାଙ୍କ ସାଙ୍ଗ ଅଜୟ ରହୁଥିଲେ। ଗତ ୫ତାରିଖ ରାତିରେ ଜଣେ ଯୁବତୀ ଘରକୁ ଫେରିବା ବେଳେ ବାହାରେ ଅଜୟ ତାଙ୍କୁ ଅସଦାଚରଣ କରିଥିଲେ। ଯୁବତୀ ଜଣଙ୍କ ଏହାର ପ୍ରତିବାଦ କରିଥିଲେ। ପରେ ସମ୍ପୃକ୍ତ ଦୁଇ ନାବାଳିକା ମଧ୍ୟ ଯୁବତୀଙ୍କୁ ମାଡ ମାରିଥିଲେ। ପରେ ଅଜୟ ବଳାତ୍କାର ଉଦ୍ୟମ କରିଥିଲେ । ଯୁବତୀ ଜଣଙ୍କ ଚିତ୍କାର କରିବାରୁ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରାଯାଇଥିଲା ବୋଲି ସେ ଥାନାରେ ଏତଲା ଦେଇଥିଲେ। ପୋଲିସ ୩୭୯/୨୩ରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ୨ ନାବାଳିକାଙ୍କୁ ଧରିଥିଲା। ପରେ ଅଜୟଙ୍କୁ ମଧ୍ୟ ସେଠାରୁ କାବୁ କରିଥିଲା। ସୋମବାର ପୀଡ଼ିତାଙ୍କ ବୟାନ କୋର୍ଟରେ ରେକର୍ଡ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

## ରକ୍ତଦାନ ଶିବିର

ବ୍ରହ୍ମପୁର,୮।୧୦(ତନୁଶ୍ରୀ ନାହାକ)

ରାମାଧିନ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଓ ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ହରିହର ଦାସ ଅଧ୍ୟକ୍ଷତା କରିଥିଲେ। ଶିବିରକୁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ବିକ୍ରମ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ କାଙ୍କୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ଆଞ୍ଚଳିକ ନିର୍ଦ୍ଦେଶକ ଡ଼.ସିଦ୍ଧାର୍ଥ ଶଙ୍କର ପାଢ଼ୀ, ପୂର୍ବତନ ଅଧ୍ୟକ୍ଷ ଡ଼ ବାଲାଜୀ ପ୍ରସାଦ ଦାଶ, ମହାବିଦ୍ୟାଳୟ ସଭାପତି ଡ଼ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାମାଜିକ କର୍ମୀ ବଂଶୀଧର ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୨୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ରକ୍ତଦାନ କେନ୍ଦ୍ର ତରଫରୁ ସାମାଜିକ କର୍ମୀ ସୁଶାନ୍ତ କୁମାର ପାଣିଗ୍ରାହୀ ଓ ସାଥୀଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା।

# ଛତ୍ରପୁର ହସ୍ପିଟାଲ: ବଢ଼ୁଛି ଭିତ୍ତିଭୂମି, କମୁଛନ୍ତି ଡାକ୍ତର

ଛତ୍ରପୁର,୮।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ହସ୍ପିଟାଲରେ ଦିନକୁ ଦିନ ଭିତ୍ତିଭୂମି ସୁଦୃଢ ହେବାରେ ଲାଗିଛି । ଏପରିକି ଆମ ହସ୍ପିଟାଲ ଯୋଜନାରେ ଉକ୍ତ ହସ୍ପିଟାଲ ସାମିଲ ହୋଇଛି। ଫଳରେ ଏହାର ରୂପାନ୍ତରୀକରଣ କାର୍ଯ୍ୟ ଚାଲିଛି। ଅନ୍ୟପକ୍ଷରେ ଛତ୍ରପୁର ହସ୍ପିଟାଲରେ ଦିନକୁ ଡାକ୍ତର ସହ ନର୍ସ ଏବଂ ଅନ୍ୟ ଷ୍ଟାଫ୍ ପଦବୀ କମିବାରେ ଲାଗିଛି । ଏଥିରେ ରୋଗୀ ସେବା ବିଶେଷ ଭାବେ ପ୍ରଭାବିତ ହୋଇଛି । ଏହି ହସ୍ପିଟାଲରେ ନୈରାଶ୍ୟଜନକ ସେବା ନେଇ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ଡାକ୍ତର ଅଭାବର ସମାଧାନ ନେଇ ଏକ ଷ୍ଟ୍ରାଟେଜି କରାଯାଇଥିବା ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଖବରଦାତାମାନଙ୍କୁ କହିଛନ୍ତି।

ଦିନକୁ ଦିନ ଡାକ୍ତର ମାନେ ଅଧିକ ପାଠପଢା ପାଇଁ କିମ୍ବା ଛୁଟିରେ ଯାଉଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି । ରୋଗୀ ଚିକିତ୍ସା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । କେବଳ ଡାକ୍ତର ନୁହେଁ ନର୍ସ ଠାରୁ ଆରମ୍ଭ କରି ଫାର୍ମାସିଷ୍ଟ ଏବଂ ଅନ୍ୟାନ୍ୟ ଲ୍ୟାବ୍ ଆସିଷ୍ଟାଣ୍ଟ ଓ ଷ୍ଟାଫ୍ ପଦବୀ ଖାଲିଥିବାରୁ ପରିସ୍ଥିତି ଅସମ୍ଭାଳ ହେଉଛି। ଉକ୍ତ ହସ୍ପିଟାଲ ଉପରେ ଖଲ୍ଲିକୋଟ, ରମ୍ଭା, ଗଞ୍ଜାମ, ହୁମ୍ମା, ଛତ୍ରପୁର ବ୍ଲକ ଓ ଆଖପାଖ ଅଞ୍ଚଳ, ଏପରିକି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ରୋଗୀମାନେ ନିର୍ଭର କରିଆସୁଛନ୍ତି। ଏଥିସହ ଦୈନିକ ସଡକ ଦୁର୍ଘଟଣାରେ ଆହତମାନେ ଏଠାକୁ ଆସିଥାନ୍ତି। ହେଲେ ଡାକ୍ତର ଓ ଷ୍ଟାଫ୍ ଅଭାବରୁ ରୋଗୀଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ଯିବାକୁ ପଡୁଛି। ମିଳିଥିବା ସୂଚନା ଅନୁସାରେ ଦୈନିକ




ଉକ୍ତ ହସ୍ପିଟାଲ ଆଉଟଡୋରକୁ ପାଇଁ ୫୦୦ରୁ ୬୦୦ ରୋଗୀ ଆସିଥାନ୍ତି। ଛତ୍ରପୁର ହସ୍ପିଟାଲ ପକ୍ଷରୁ ରୋଗୀ କଲ୍ୟାଣ ସମିତିକୁ ଦିଆଯାଇଥିବା ତଥ୍ୟ ଅନୁସାରେ ହସ୍ପିଟାଲରେ ୪୧ ଡାକ୍ତର ରହିବା ପାଇଁ ପଦବୀ ମଞ୍ଜୁର ହୋଇଛି । ସେଥିରୁ ମାତ୍ର୧୦ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ସେଥିମଧ୍ୟରେ ସୁପରିଣ୍ଟେଣ୍ଡେଣ୍ଟ, ଓଜି ସ୍ପେଶାଲିଷ୍ଟ ୨ ଜଣ, ଶିଶୁ ରୋଗୀ ବିଶେଷଜ୍ଞ ୨ ଜଣ, ସିନିୟର ମେଡିକାଲ ଅଫିସର ଜଣେ, ଦନ୍ତ ଚିକିତ୍ସା ବିଶେଷଜ୍ଞ , ଚକ୍ଷୁ ବିଶେଷଜ୍ଞ ଓ ନିଶ୍ଚେତକ ବିଶେଷଜ୍ଞ ଜଣେ ଲେଖାଏଁ ଅଛନ୍ତି । ଜଣେ ଡାକ୍ତର ଛୁଟିରେ ରହିଥିବା ବେଳେ ଆଉ ୨ ଜଣ ଡାକ୍ତର ଚାକିରୀ ଛାଡି ପାଠ ପଢିବାକୁ ଚାଲିଯାଇଛନ୍ତି। ସେହିପରି ଏଠାରେ ୩୨ ଜଣ ନର୍ସ ରହିବା ବ୍ୟବସ୍ଥା ଥିବାବେଳେ ୧୧ ଜଣ କାର୍ଯ୍ୟ କରୁଛନ୍ତି। ଆଉ ୧୩ ଜଣ ହସ୍ପିଟାଲରୁ ଦରମା ପାଉଥିବାବେଳେ ଅନ୍ୟତ୍ର କାମ କରୁଛନ୍ତି। ୮ ପଦବୀ ଖାଲି ପଡିଛି । ୬ ଜଣ ଫାର୍ମାସିଷ୍ଟଙ୍କ ବଦଳରେ ୪ଜଣ କାମ କରୁଥିବାବେଳେ ଜଣେ ରେଡିଓଗ୍ରାଫର, ୫ ଲ୍ୟାବ୍ ଟେକ୍ନିସିଆନ୍, ୨ ଡ୍ରାଇଭର, ୨ ଆଟେଣ୍ଡାଣ୍ଟ, ଜଣେ ସହାୟକ, ଜଣେ ସୁଇପର, ୬ ନର୍ସିଂ ଅଫିସର, ଜଣେ ଲ୍ୟାବ ଟେକ୍ନିସିଆନ୍ ଓ ୩ ମହିଳା ସ୍ୱାସ୍ଥ୍ୟ କର୍ମୀ ପଦବୀ ଖାଲି ରହିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ତୋଫାନ



@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହରିକୃଷ୍ଣ ଖବରକାଗଜ ବିତରକ ସଂଘ ସଭାପତି ନିର୍ବାଚିତ



ଧରିତ୍ରୀ ବ୍ରହ୍ମପୁର କାର୍ଯ୍ୟାଳୟରେ ଖବରକାଗଜ ବିତରକ ସଂଘ ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନେ ।

ବ୍ରହ୍ମପୁର,୮।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଖବରକାଗଜ ବିତରକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତଥର ମଧ୍ୟ ସଭାପତି ପଦବୀରେ ହରିକୃଷ୍ଣ ପାଢ଼ୀ ସର୍ବାଧିକ ଭୋଟରେ ନିର୍ବାଚିତ ହୋଇଛନ୍ତି। ଏସ. ଏ. ରାଓ ଓ ପୂର୍ଣ୍ଣଚନ୍ଦ୍ର ଦୋରା ତାଙ୍କ ସହ ପ୍ରତିଦ୍ୱନ୍ଦିତା କରିଥିଲେ। ହରିକୃଷ୍ଣ ସର୍ବାଧିକ ୫୮ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ୪ର୍ଥ ଥର ପାଇଁ ବାଜିମାତ କରିଛନ୍ତି। ସେହିପରି ଉପ ସଭାପତି ଭାବେ ଦୀନବନ୍ଧୁ ସାମନ୍ତରାୟ, ସଂପାଦକ ସନ୍ତୋଷ କୁମାର ପାଣିଗ୍ରାହୀ ଓ ସହ ସଂପାଦକ ଭାବେ ଭାଗିରଥୀ ବେହେରା, କୋଷାଧ୍ୟକ୍ଷ ଶଙ୍କର ବେହେରା ଓ ସହ କୋଷାଧ୍ୟକ୍ଷ ଭାବେ ପ୍ରମୋଦ ପାତ୍ର ନିର୍ବାଚିତ ହୋଇଛନ୍ତି। ଅନନ୍ତ ଆପଟ୍ଟ ଓ ଉପେନ୍ଦ୍ର ବିଶ୍ୱାଳ ନିର୍ବାଚନ ପରିଚାଳନା କରିଥିଲେ।

## କୃଷି ଗବେଷଣା ସ୍ଥଳ ପରିଦର୍ଶନ କଲେ ବିଦେଶୀ ବୈଜ୍ଞାନିକ

ବ୍ରହ୍ମପୁର,୮।୧୦(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ଜଳବାୟୁ ପ୍ରତିକୂଳ ପ୍ରଭାବରେ ପ୍ରଭାବିତ ଜିଲା ହୋଇଥିବାରୁ କୃଷି କ୍ଷେତ ଓ କୃଷକ ବହୁଳ ଭାବରେ ପ୍ରଭାବିତ ହେଉଛନ୍ତି। ଗତ ୫ବର୍ଷ ଧରି ନରୱେ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ଆର୍ଥିକ ସହାୟତାରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଗୋଳନ୍ଥରାଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ରର ଜଳବାୟୁ ଅନୁକୂଳ କୃଷି ଉପରେ ଗବେଷଣା କରୁଛି। ଏଥିରେ ରଙ୍ଗେଇଲୁଣ୍ଡା ବ୍ଲକର ଚିକରଡା, ଶାସନପଦର ଗ୍ରାମ, କୁକୁଡାଖଣ୍ଡିର ଚାନ୍ଦପୁର, ବାଘଲଟି, କୁସୁମି ଓ କୁମାରପୁର ଗ୍ରାମର ୫୦୦ ଚାଷୀ ପରିବାରକୁ ନେଇ ଜଳବାୟୁଭିତ୍ତିକ କୃଷି ଗବେଷଣା କରାଯାଉଛି। ଏ ନେଇ ଶନିବାର ନରୱେ ସରକାରଙ୍କ ପ୍ରକଳ୍ପର ଉଦୟ ଶେଖର, ଇଟାଲୀର କୃଷି ଓ ଅର୍ଥନୀତି ଗବେଷଣା ପରିଷଦର ବୈଜ୍ଞାନିକ ଏସ ମୋନାକୋ ଓ ଫ୍ରାନ୍ସର ପରିବେଶ ଏବଂ ଶସ୍ୟ ବିଜ୍ଞାନୀ ଡ ଏନିକ୍ରୋ ରିଭେଲକା ରଙ୍ଗେଇଲୁଣ୍ଡା ବ୍ଲକର ଚିକରଡା ଓ ଶାସନପଦର ଗ୍ରାମର ଧାନ ଏବଂ ମାଣ୍ଡିଆ ଫସଲର ପର୍ଯ୍ୟାୟ, ପରିବା ଚାଷରେ ଜଳବାୟୁ ଅନୁକୂଳ କୃଷି ଗବେଷଣା ସ୍ଥଳ ପରିଦର୍ଶନ କରିଛନ୍ତି। କୃଷକଙ୍କୁ ନୂତନ ଜ୍ଞାନ କୌଶଳର ଆବଶ୍ୟକତା ଓ ବ୍ୟବହାରିତା ଉପରେ ପଚାରିବା ସହ ସଫଳତାର ମାନ ମୂଲ୍ୟାୟନ କରିଛନ୍ତି। ସୌରଶକ୍ତି ସଞ୍ଚାଳିତ ସିଞ୍ଚନ ଯନ୍ତ୍ର, ପୋକ ନିୟନ୍ତ୍ରଣ ଯନ୍ତ୍ର ଓ ପାଣିପମ୍ପ ବ୍ୟବହାରକୁ ନେଇ ବୈଜ୍ଞାନିକମାନେ ଖୁସି ପ୍ରକାଶ କରିଥିଲେ। ଏଥିସହ ଗ୍ରାମ ସମ୍ବଳ କେନ୍ଦ୍ରରେ ଚାଷୀଙ୍କୁ ସୌର ଚାଳିତ ଯନ୍ତ୍ରପାତି କିଭଳି ଅନ୍ୟ ଚାଷୀଙ୍କୁ ଆଦୃତ ହୋଇପାରିବ ସେ ସମ୍ପର୍କରେ ବୈଜ୍ଞାନିକମାନେ କହିଥିଲେ। ପରିଦର୍ଶନ ବେଳେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସୁଜିତ କୁମାର ନାଥ, ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର, ସହକାରୀ କୃଷି ଅଧିକାରୀ ମହେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଆସିନି ଭିସେରା ରିପୋର୍ଟ, ଚିନ୍ତାରେ ପରିବାର

ବ୍ରହ୍ମପୁର,୮।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**ଡାକ୍ତରୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

ଏମ୍‌କେସିଜି ମେଡିକାଲ କଲେଜର ଡାକ୍ତରୀ ଛାତ୍ରୀ ସୁଭାନି ପଟ୍ଟନାୟକଙ୍କ ଗତ ଜୁନ ୧୫ ତାରିଖରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ କେଉଁ କାରଣରୁ ହେଲା ତାହା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ହୋଇ ନ ଥିଲା। ସୁଭାନିଙ୍କ କିଭଳି ମୃତ୍ୟୁ ଘଟିଛି ଜାଣିବା ପାଇଁ ତାଙ୍କର ଭିସେରା ସଂଗ୍ରହ ହୋଇ ଭୁବନେଶ୍ୱରସ୍ଥିତ ଷ୍ଟେଟ ଫୋରେନ୍ସିକ ସାଇଣ୍ଟିଫିକ ଲାବରେଟୋରୀକୁ ପଠାଯାଇଥିଲା। ହେଲେ ଏ ଯାବତ୍ ଭିସେରା ରିପୋର୍ଟ ପୋଲିସ ପାଇପାରିନାହିଁ। ସେପଟେ ସୁଭାନିଙ୍କ ବାପା ରବୀନ୍ଦ୍ର ପଟ୍ଟନାୟକ ବାରମ୍ବାର ଥାନାକୁ ଦୌଡୁଥିଲେ ମଧ୍ୟ ଝିଅ ମୃତ୍ୟୁର କାରଣ ଜାଣିପାରୁ ନ ଥିବାରୁ ପରିବାର ଲୋକଙ୍କ ଦୁଶ୍ଚିନ୍ତା ବଢ଼ିବାରେ ଲାଗିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ବ୍ରହ୍ମପୁରର ଯୁବ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଜାତୀୟ ମାନବ ଅଧିକାର କମିଶନ୍(ଏନ୍‌ଏଚ୍‌ଆରସି)ରେ ପିଟିଶନ୍ ରୁଜୁ କରିଥିଲେ। ଘଟଣାର ଏସ୍‌ଆଇଟି ଦ୍ୱାରା ତଦନ୍ତ କରିବାକୁ ସେ ଏନ୍‌ଏଚ୍‌ଆର୍‌ସି ନିକଟରେ ଅନୁରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ନୟାଗଡ଼ର ମୂଳ ନିବାସୀ ରବୀନ୍ଦ୍ର କୁମାର ପଟ୍ଟନାୟକ କିଛିବର୍ଷ ହେଲା ପୁରୁଷୋତ୍ତମପୁର ରଥସାହିରେ ରହି ଆସୁଛନ୍ତି। ସେ ଜଣେ ବ୍ୟାଙ୍କ କର୍ମଚାରୀ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ସିଡିପିଓ ଭାବେ କାମ କରନ୍ତି। ଝିଅ ସୁଭାନି ଏମ୍‌କେସିଜିରେ ଚର୍ମ ରୋଗ ବିଭାଗ ପିଜି ପ୍ରଥମ ବର୍ଷର ଛାତ୍ରୀ ଥିଲେ। ସେ କଲେଜ ମହିଳା ହଷ୍ଟେଲ (ସିନିୟର୍ ରେସିଡେନ୍ସ)ରେ ରହୁଥିଲେ। ଗତ ଜୁନ ୧୫ ତାରିଖରେ ତାଙ୍କୁ ହଷ୍ଟେଲ୍ ରୁମ୍‌ରୁ ଅଚେତ ଅବସ୍ଥାରେ କେତେଜଣ ସହପାଠୀ ଉଦ୍ଧାର କରି ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସୁଭାନିଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ତାଙ୍କର ମାଇଗ୍ରେନ୍ ସମସ୍ୟା ରହିଥିଲା। ଏଣୁ ସେ ମାତ୍ରାଧିକ ଔଷଧ ଖାଇ ଦେଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରେ ଜଣାପଡ଼ିଥିଲା। ବୈଦ୍ୟନାଥପୁର ଥାନା ପୋଲିସ ମୃତଦେହ ଜବତ କରିବା ସହ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦର ପ୍ରାଥମିକ ରିପୋର୍ଟ ଅନୁସାରେ ଶୋଇଥିବା ଅବସ୍ଥାରେ ଡା. ସୁଭାନିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ୍ୟୁ କିଭଳି ଘଟିଛି ସ୍ପଷ୍ଟ କରିବା ପାଇଁ ଭିସେରା ପରୀକ୍ଷା ନିମନ୍ତେ ପଠାଯାଇଛି ବୋଲି ଏଫ୍‌ଏମ୍‌ଟି ବିଭାଗର ମୁଖ୍ୟ ଡା. ସୁଦୀପା ଦାସ ସୂଚନା ଦେଇଛନ୍ତି। ତେବେ ଉକ୍ତ ରିପୋର୍ଟ ପହଞ୍ଚିବାରେ ବିଳମ୍ବ ଘଟୁଛି ବୋଲି ସେ କହିଛନ୍ତି।

## ଅଗ୍ନିବୀରରେ ସାମନ୍ତରାୟ ଏକାଡେମୀର ୬୬ ଛାତ୍ରଙ୍କୁ ନିଯୁକ୍ତି



ଅଭିଭାବକଙ୍କ ସହ ସଫଳତା ହାସଲ କରିଥିବା ଛାତ୍ରମାନେ।

ବ୍ରହ୍ମପୁର,୮।୧୦(ସ୍ମୃତି ରଞ୍ଜନ ମହାଲିକ)

ଅଗ୍ନିବୀର ଯୋଜନାରେ ସେନାରେ ଚାକିରି ପାଇଁ ବ୍ରହ୍ମପୁର ସାମନ୍ତରାୟ ଏକାଡେମୀର ୬୬ଜଣ ଛାତ୍ର ସଫଳତା ହାସଲ କରିଛନ୍ତି। ରବିବାର ଏହି ଛାତ୍ରମାନଙ୍କ ସହ ସେମାନଙ୍କ ଅଭିଭାବକଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରଯାଇଥିଲା। ସୂଚନାଯୋଗ୍ୟ, ନିକଟରେ ପ୍ରକାଶ ପାଇଥିବା ଅଗ୍ନିବୀର ନିଯୁକ୍ତି ତାଲିକାରେ ମନୋନୀତ ହୋଇଥିବା ଛାତ୍ରମାନେ ଉଭୟ ଲିଖିତ, ଶାରୀରିକ ଓ ମେଡିକାଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏକାଡେମୀର ପ୍ରତିଷ୍ଠାତା ଲଳିତ ମୋହନ ସାମନ୍ତରାୟ କୃତୀ ଛାତ୍ରମାନଙ୍କୁ କର୍ତ୍ତବ୍ୟ ପରାୟଣ ହେବା ପାଇଁ ପରାମର୍ଶ ଦେଇଥିଲେ। ଏକାଡେମୀର ଉପଦେଷ୍ଟା ଗୋକୁଳାନନ୍ଦ ତ୍ରିପାଠୀ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏକାଡେମୀର ନିର୍ଦ୍ଦେଶକ ଦେବେଶ କୁମାର ସାମନ୍ତରାୟ ଏହି ସଫଳତାର ବାର୍ତ୍ତା ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ଆଶାୟୀଙ୍କ ପାଇଁ ପ୍ରେରଣା ବୋଲି କହିଥିଲେ। ଏକାଡେମୀର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଘ ଗଣନା ନେଇ ପ୍ରଶିକ୍ଷଣ ଶିବିର



ଶିବିରରେ ଉପସ୍ଥିତ ଅଧିକାରୀ ବୃନ୍ଦ।

ବ୍ରହ୍ମପୁର,୮।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମଣ୍ଡଳସ୍ତରୀୟ ବାଘ ଗଣନା ପ୍ରଶିକ୍ଷଣ ଶିବିର ଶନିବାର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜୟ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଶିବିରରେ ବ୍ରହ୍ମପୁର ବନ ମଣ୍ଡଳ ଅନ୍ତର୍ଗତ ଉତ୍ତର ଘୁମୁସର, ଦକ୍ଷିଣ ଘୁମୁସର, ପାରଳାଖେମୁଣ୍ଡି, ବୌଦ୍ଧ, ଫୁଲବାଣୀ, ବାଲିଗୁଡା ବନଖଣ୍ଡର ସମସ୍ତ ବନଖଣ୍ଡ ଅଧିକାରୀ, ଅତିରିକ୍ତ ବନ ସଂରକ୍ଷକ ଓ ବନାଞ୍ଚଳ ଅଧିକାରୀମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ବ୍ରହ୍ମପୁର ବନାଞ୍ଚଳ ଅନ୍ତର୍ଗତ ଟାମଣା ଜଙ୍ଗଲକୁ ନେଇ କିଭଳି ଏହି ଗଣନା କରିବେ ତାହାର ଡେମୋ ପ୍ରଶିକ୍ଷଣ ଦିଆଯାଇଥିଲା। ଆସନ୍ତା ଜାନୁଆରୀ ୩୧ ତାରିଖ ଯାଏଁ ବାଘ ଗଣନା ଜାରି ରହିବ ବୋଲି ସୂଚନା ମିଳିଛି। ଏହି ଶିବିରକୁ ଡିସିଏଫ ରମାରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିଲେ।

## ୧୮୦ ଜଣଙ୍କୁ କଲର ବେଲ୍ଟ ବିତରଣ




ଟାଏକୋଣ୍ଡୋ ଏକାଡ଼େମୀରେ କଲର ବେଲ୍ଟ ଦିଆଯାଉଛି।

ବ୍ରହ୍ମପୁର,୮।୧୦(ତନୁଶ୍ରୀ ନାହାକ)

ଟାଏକୋଣ୍ଡୋ ଏକାଡ଼େମୀ ଅଫ ବ୍ରହ୍ମପୁର ପକ୍ଷରୁ ହିଲପାଟଣା ଟାବ ଅଫିସ ଠାରେ କଲରବେଲ୍ଟ ବିତରଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ମେୟର ସଂଘମିତ୍ରା ଦଳାଇ, ଡ଼େପୁଟି ମେୟର ଇ ବିବେକ ରେଡ଼ି, ଗଜପତି ଜିଲା ଟାଏକୋଣ୍ଡୋ ଏକାଡ଼େମୀ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ପ୍ରେସିଡ଼େଣ୍ଟ ଜିତେନ୍ଦ୍ର କୁମାର ମୁନି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୮୦ ଜଣଙ୍କୁ କଲରବେଲ୍ଟ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୫ ଜଣ ୟେଲୋ ବେଲ୍ଟ, ଗ୍ରିନ ଷ୍ଟ୍ରିପରେ ୩୩, ଗ୍ରିନରେ ୩୯, ବ୍ଲ୍ୟୁ ଷ୍ଟ୍ରିପରେ ୧୫ , ବ୍ଲ୍ୟୁରେ ୧୪, ରେଡ଼ରେ ୮ ଜଣ, ବ୍ଲାକ ଷ୍ଟ୍ରିପରେ ୩ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଟାଏକୋଣ୍ଡୋ ଏକାଡ଼େମୀର ସମ୍ପାଦକ ତଥା କୋଚ ସତ୍ୟନାରାୟଣ ତ୍ରିପାଠୀ ପରିଚାଳନା କରିଥିଲେ।

# ଭାଜପା ମହିଳା ମୋର୍ଚ୍ଚାର ନୀରବ ଆନ୍ଦୋଳନ

ବ୍ରହ୍ମପୁର,୮।୧୦(ନରସିଂହ ସାହୁ)

**ମମିତା ମେହେରଙ୍କୁ ମିଳିନି ନ୍ୟାୟ**

ଗଞ୍ଜାମ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ବିଜିପୁର ସନ୍ତୋଷୀ ମା' ମନ୍ଦିର ନିକଟରେ ନେତ୍ରୀ ଓ କର୍ମୀମାନେ କଳାପଟି ବାନ୍ଧି ନୀରବ ଆନ୍ଦୋଳନ କରିଥିଲେ। କଳାହାଣ୍ଡି ଜିଲା ମହାଲିଙ୍ଗ ବିଦ୍ୟାଳୟ ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ୨୦୨୧ ଅକ୍ଟୋବର ୮ରେ ଅତି ବିଭତ୍ସ ଭାବରେ ହତ୍ୟା କରାଯାଇଥିଲା। ଘଟଣାର ଦୁଇବର୍ଷ ପୂରିଛି ଏବଂ ମମିତାଙ୍କୁ ନ୍ୟାୟ ଦେବାରେ ସରକାର ଓ ପୋଲିସ ପ୍ରଶାସନ ବିଫଳ ହୋଇଥିବା ପ୍ରତିବାଦରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଘଟଣାରେ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ତେବେ ଏଯାବତ୍ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଦର୍ଶାଇ ନିନ୍ଦା କରାଯାଇଥିଲା।

ନୀରବ ଆନ୍ଦୋଳନରେ ଶତାଧିକ ମହିଳା ମୋର୍ଚ୍ଚା କର୍ମୀ ସାମିଲ ହୋଇଥିଲେ। ମମିତାଙ୍କ ଅମର ଆତ୍ମାର ସଦଗତି କାମନା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ମମିତାଙ୍କୁ ନ୍ୟାୟ ଦେବାକୁ ଦାବି କରାଯାଇଥିଲା। ସନ୍ତୋଷୀ ମା'ଙ୍କ ନିକଟରେ ଦୀପ ଜଳାଯାଇଥିଲା। ଜିଲା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ସାଧାରଣ ସମ୍ପାଦିକା ବିଦୁସ୍ମିତା ପାଳ ନେତୃତ୍ୱ ନେଇଥିଲେ। କର୍ପୋରେଟର ରଞ୍ଜିତା ବେହେରାଙ୍କ ସମେତ ସୁଶିଳା ମଲିକ, ନିବେଦିତା ପାଢ଼ୀ, ଲକ୍ଷ୍ମୀ ବେହେରା, ସନ୍ତୋଷୀ ସାହୁ, ନଳିନୀପ୍ରଭା ପଟ୍ଟନାୟକ, ସସ୍ମିତା ଦାସ, ସନ୍ତୋଷିନୀ ଦାସ, ରଶ୍ମିତା ଶତପଥୀ, ଶୁଭଶ୍ରୀ ଦାସ, ଗୀତା ଦାସ, ପ୍ରତିଭା ସାହୁ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଆନ୍ଦୋଳନସ୍ଥଳରେ ବରିଷ୍ଠ ଭାଜପା ନେତା କାହ୍ନୁ ଚରଣ ପତି, ଜିଲା ଉପସଭାପତି ସୁନୀଲ ସାହୁ, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀଙ୍କ ସମେତ କୃଷ୍ଣଚନ୍ଦ୍ର ଚୌଧୁରୀ, ଟୁଙ୍ଗୁରୁ ପାତ୍ର, ରବି ନାରାୟଣ ସାବତ, ମାଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ମହିଳା ମୋର୍ଚ୍ଚାର ନୀରବ ଆନ୍ଦୋଳନ।

## ଜାତୀୟ କର୍ମଶାଳା ଉଦଯାପିତ

ବ୍ରହ୍ମପୁର,୮।୧୦ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ଦୁଇ ଦିନିଆ ଜାତୀୟ କର୍ମଶାଳା ଉଦଯାପିତ ହୋଇଯାଇଛି। ଏଥିରେ ଉତ୍ତର ଭାରତୀୟ ମହାସାଗରର ପରିବେଶ ଏବଂ ଜୈବ-ଭୂ-ରସାୟନ ଗୁଣାବଳୀ ଶୀର୍ଷକ ଆଲୋଚନା ହୋଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଡ.ତମୋଘ୍ନ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋପାଳପୁର କୋଷ୍ଟ ଗାର୍ଡର ଡେପୁଟି କମାଣ୍ଡର ଧନଞ୍ଜୟ ମିଶ୍ର, ମୁଖ୍ୟବକ୍ତା ଭାବରେ ଗୋପାଳପୁର ଭାରତୀୟ ପ୍ରାଣୀ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ଅନିଲ ମହାପାତ୍ର ଯୋଗଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଓ ସାମୁଦ୍ରିକ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ.ତମୋଘ୍ନ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଡ଼.ଶେଷଦେବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ୧୬ଜଣ ଗବେଷକ, ଛାତ୍ରଛାତ୍ରୀ, ଅଧ୍ୟାପକ ସନ୍ଦର୍ଭ ପାଠ କରିଥିଲେ। ଗୋପାଳପୁର ବନ୍ଦରର ଡେପୁଟି ଜେନେରାଲ ମ୍ୟାନେଜର ସଞ୍ଜୟ ଥୋରାଟ ଯୋଗ ଦେଇ ମୂଲ୍ୟବାନ ବାର୍ତ୍ତା ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

ରାୟଗଡ଼,୮।୧୦(ଜ୍ୟୋତି ପ୍ରସାଦ ପାଣି)

ରାୟଗଡ଼ ବ୍ଲକ ଗଣ୍ଡାହାଟୀ ପଞ୍ଚାୟତ ଟାମଟରା ଗ୍ରାମର ଜଣେ ନାବାଳିକାଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ସୁକୁ ମଣ୍ଡଳଙ୍କ ଝିଅ ସୁଜାତା (୯)। ଶନିବାର ଗ୍ରାମ ନିକଟ ଗଡ଼ାଘଁ ଫାଟକ ସମ୍ମୁଖରେ ଥିବା ପୋଖରୀରେ ସୁଜାତା ଶୌଚ ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ସନ୍ଧ୍ୟାରେ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରି ପୋଖରୀ ନିକଟକୁ ଯିବାରେ ତୁଠରେ ଚପଲ ଥିବା ଦେଖିଥିଲେ। ଗ୍ରାମର କେତେଜଣ ଲୋକ ପୋଖରି ଭିତରେ ପଶି ବହୁ ସମୟ ଧରି ଖୋଜା ଖୋଜି କରି ସୁଜାତାଙ୍କୁ ଉଦ୍ଧାର କରି ତୁରନ୍ତ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗାରାବନ୍ଧ ଥାନାରେ ୪/୨୩ରେ ଏକ ଅପମୃତ୍ୟୁ ମାମଲା ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍ ଆଇ ନାରାୟଣ ଦାସ କହିଛନ୍ତି। ଖବରପାଇ ଟିଡ଼ିସିସି ଡାଇରେକ୍ଟର ଅନ୍ତର୍ଯ୍ୟାମୀ ଗମାଙ୍ଗ ଓ ବରିଷ୍ଠ ବିଜେଡ଼ି ନେତା ଟି. ବିଶ୍ୱନାଥ ମେଡ଼କାଲରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ଦିଗପହଣ୍ଡି,୮।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ ମରେଇବାଡ଼ି ଗ୍ରାମ ସ୍ଥିତ ମା' ଖେମୁଣ୍ଡି କାଲୁଆ ମନ୍ଦିର ପରିସରରୁ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ ଅତିଥି ଭାବେ ଯୋଗଦେଇଥିଲେ। କର୍ମୀମାନେ ଘରକୁ ଘର ବୁଲି ମାଟି ସଂଗ୍ରହ କରିଥିଲେ। ସିମାଞ୍ଚଳ ସାସମଲ, ବିକାଶ ରେଡ୍ଡୀ, ବେଣୁ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବଡ଼ ଆଗୁଳ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ

କବିସୂର୍ଯ୍ୟନଗର,୮।୧୦(କୃପାସିନ୍ଧୁ ସ୍ୱାଇଁ)

ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୨ ତାରିଖଠାରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟ ନଗର ଗଙ୍ଗାପୁର ପଞ୍ଚାୟତ ବଡ ଆଗୁଳଠାରେ ଯୁବକ ସଂଘ ଦ୍ୱାରା ସପ୍ତାହବ୍ୟାପୀ ଗ୍ରାମର ନାଳନର୍ଦ୍ଦମା, ଗାଁ ଦାଣ୍ଡ, ସ୍କୁଲ ରାସ୍ତା ଏବଂ ରାସ୍ତା ତଥା ପୋଖରୀର ଚତୁଃପାର୍ଶ୍ୱ ସଫା କରିଥିଲେ। ଗ୍ରାମର ପୂର୍ବତନ ସରପଞ୍ଚ ନିରଞ୍ଜନ ଗୌଡ଼, ସମିତି ସଭ୍ୟ ବିପିନ ବିହାରୀ ଗୌଡ, ପ୍ରାକ୍ତନ ରେଭିନ୍ୟୁ ଅଫିସର ବିପ୍ରଚରଣ ଗୌଡ଼, ପ୍ରାଥମିକ ବିଦ୍ୟାଳୟ ସଭାପତି ରଞ୍ଜନ ଗୌଡ, ସରପଞ୍ଚ ପ୍ରତିନିଧି କୀରଣ କୁମାର ସେଠୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବସନ୍ତ ଡାକୁଆ, କୁମୁଦ ଗୌଡ, ଚନ୍ଦନ, ଗାଣ୍ଡି, ହୀନ ସ୍ୱାଇଁ, ଗରୁଡ ପାଢୀ, ସଂଜୟ ଗୌଡ ଏବଂ ଜିତୁ ପରିଡା ପ୍ରମୁଖ ସପ୍ତାହ ବ୍ୟାପୀ ଗ୍ରାମକୁ ପରିଷ୍କାର ପରିଚ୍ଛନ୍ନ କରି ସମସ୍ତଙ୍କୁ ସଚେତନତାର ବାର୍ତ୍ତା ଦେଇଛନ୍ତି ।

### ନାରୀ ସଶକ୍ତୀକରଣ କର୍ମଶାଳା

ପାରଳାଖେମୁଣ୍ଡି, ୮।୧୦ (ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିସ୍ଥିତ ୟୁଟେକ କମ୍ପ୍ୟୁଟର ଏଜୁକେସନ କେନ୍ଦ୍ର ପରିସରରେ ନାରୀ ସଶକ୍ତୀକରଣରେ ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା । ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ଉପକାରାଗାରର ଅଧକ୍ଷ ହନୁ ସେଠୀ ମୁଖ୍ୟ ଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ବିଚିତ୍ରାନନ୍ଦ ବେବର୍ତ୍ତା, ସଭାପତି ଭାବେ ଲୋକନାଥ ମିଶ୍ର ଏବଂ ସମ୍ପାଦିକା ଭାବେ ତନୁଜା ଶତପଥୀ ଯୋଗଦେଇଥଲେ। ପ୍ରତେକ୍ୟ ଯୁବକ ଯୁବତୀ ନାରୀଶକ୍ତି ଉପରେ ଧ୍ୟାନ ଦେବା ବାଞ୍ଛନୀୟ ବୋଲି କହିଥିଲେ। ଭାଗବତ ପାଢୀ, ହରି ମୋହନ ପଟ୍ଟନାୟକ, ଅଧ୍ୟାପକ ସୌଦାଗର ସିଓ, ପଣ୍ଡିତ ନରସିଂହ ଗୌଡ଼, ତନୁଜା ଶତପଥି, ମନୋଜ ପଟ୍ଟନାୟକ, ମୁରଲୀଧର ପରିଚ୍ଛା, ନିତ୍ୟାନନ୍ଦ ଚୌଧୁରୀ ତ୍ରିପତି ପଣ୍ଡା, ହରି ମୋହନ ପଟ୍ଟନାୟକ, ମାନସୀ ପଣ୍ଡା, ପ୍ରଫୁଲ୍ଲ ବେବର୍ତ୍ତା, ଶରତ ପ୍ରଧାନ, ଗୌରୀ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଭାଗବତ ପାଢୀ ଧନ୍ୟବାଦ ଅର୍ପଣ କରିଥଲେ।

# ୧୭ରୁ ଆଇଆରଇଏଲ୍ କମ୍ପାନୀ ସମ୍ମୁଖରେ ଧାରଣା

ଛତ୍ରପୁର,୮।୧୦ (ଦିଲ୍ଲୀପ ସାମଲ)

**ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦାବି**



ବୈଠକରେ ଉପସ୍ଥିତ ଶ୍ରମିକ ନେତା ଓ ଅନ୍ୟମାନେ।

ସ୍ଥାନୀୟ ଆଇଆରଇଏଲ୍ କମ୍ପାନୀର ମୃତ କର୍ମଚାରୀ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦେବାରେ ଅହେତୁକ ବିଳମ୍ବ ଯୋଗୁଁ ମୃତକ ପରିବାର ସଦସ୍ୟମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ। ଆସନ୍ତା ୧୭ ତାରିଖରୁ ଦାବି ପୂରଣ ହେଲା ପର୍ଯ୍ୟନ୍ତ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବେ ବୋଲି ମୃତକଙ୍କ ପରିବାର ସଦସ୍ୟମାନେ କହିଛନ୍ତି। ଏ ସମ୍ପର୍କରେ ରବିବାର ଏ.ଚୋଟାପଲ୍ଲୀସ୍ଥିତ ବ୍ୟାଘ୍ରଦେବୀ ମନ୍ଦିର ପ୍ରାଙ୍ଗଣରେ ଶ୍ରମିକ ନେତା ଅଜୟ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ରାମଚନ୍ଦ୍ର ବେହେରା, ନାରୀନେତ୍ରୀ ନିଳାଦ୍ରୀ ପ୍ରଧାନ ପ୍ରମୁଖ ଯୋଗଦେଇ ମୃତକଙ୍କ ପରିବାର ସଦସ୍ୟଙ୍କୁ କମ୍ପାନୀ ପକ୍ଷରୁ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ସେମାନେ ଦାବି କରିଥିଲେ। ନଚେତ ଆଗାମୀ ଦିନରେ ସେମାନଙ୍କ ହକ୍ ନିମନ୍ତେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ପୂର୍ବରୁ ବହୁବାର ଆନ୍ଦୋଳନ କରାଯିବ ସହିତ କମ୍ପାନୀ, ଜିଲ୍ଲା ପ୍ରଶାସନ ଠାରୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଅବଗତ କାରଯାଇଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ମୃତକଙ୍କ ପରିବାରବର୍ଗ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ନିଯୁକ୍ତି ପ୍ରଦାନ ଦେବା ନିମନ୍ତେ ବିଭିନ୍ନ ନିୟମାବଳୀ ରହିଥିଲେ ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ନିଯୁକ୍ତି ଦେବାରେ କାହିଁକି ବିଳମ୍ବ କରୁଛନ୍ତି ତାହା ସନ୍ଦେହଜନକ ବୋଲି ସେମାନେ କହିଛନ୍ତି। ଏହି ବୈଠକରେ ବାହିନୀପତି ବେହେରା, ସୁବ୍ରତ କୁମାର ରଥ, ତପନ କୁମାର ପାତ୍ର, ଜିତୁ ରଣସିଂହ, ରଞ୍ଜିତ କୁମାର ବେହେରା, ମହମ୍ମଦ ନାସିରମୁଦିନ ଓ ଅବନୀକାନ୍ତ ସାହୁଙ୍କ ସମେତ ବହୁ ମୃତକଙ୍କ ପରିବାରର ସଦସ୍ୟ ଉପସ୍ଥିତ ଥିଲେ ।

# ଶ୍ମଶାନକୁ ଯିବା ପୂର୍ବରୁ ମୃତଦେହ ଜବତ

ଗୋପାଳପୁର ୮।୧୦ (ନବୀନ ରାଜ ଆଚାରୀ )

ଗଞ୍ଜାମ ଜିଲା ଅନ୍ତର୍ଗତ ଆଲ୍ଲୀପୁର ଛକର ଜଣେ ଯୁବକଙ୍କ ସମ୍ବଲପୁରରେ ମୃତ୍ୟୁ ହୋଇଥିଲା। ଗ୍ରାମକୁ ଆଣି ଶ୍ମଶାନକୁ ଶେଷକୃତ୍ୟ ପାଇଁ ନେବା ବେଳେ ଗୋପାଳପୁର ଥାନା ପୋଲିସ ମୃତଦେହ ଜବତ କରିଛି । ସେ ହେଲେ ବଳରାମ ସାହୁ (୩୭)।

ପୋଲିସ ସୂଚନା ଅନୁସାରେ, ଏହି ଥାନା ଅଧୀନ ମୃତକ ବଳରାମ ଗତ ୨୮ ତାରିଖରେ ସମ୍ବଲପୁରରେ ରହୁଥିବା ତାଙ୍କ ସାଙ୍ଗ ବୁଲୁଙ୍କ ନିକଟକୁ ଯାଇଥିଲେ। ସେଠାରେ ବଳରାମ ଶନିବାର ଶୌଚ ହେବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଶୌଚାଳୟରୁ ନ ବାହାରିବାରୁ ବୁଲୁ କବାଟ ପିଟି ଥିଲେ। କିନ୍ତୁ ନ ଖୋଲିବାରୁ ପୋଡ଼ଶୀଙ୍କ ଉପସ୍ଥିତିରେ କବାଟ ଭାଙ୍ଗାଯାଇଥିଲା। ବଳରାମ ଶୌଚାଳୟ ପରିସରରେ ପଡିଥିବା ବେଳେ ନିଶ୍ୱାସ ପ୍ରଶ୍ୱାସ ଯାଉନଥିବା ଜାଣି ତାଙ୍କ ପରିବାରକୁ ଜଣାଇଥିଲେ। ପରିବାର ପକ୍ଷରୁ ବଳରାମଙ୍କ ମୃତ ଶରୀରକୁ ନିଜ ଗ୍ରାମ ଅଲ୍ଲିପୁର ଛକରେ ରହୁଥିବା ଘରକୁ ଆଣିବା ପାଇଁ କହିଥିଲେ। ଶନିବାର ସନ୍ଧ୍ୟାରେ ବୁଲୁଙ୍କ ପକ୍ଷରୁ ବଳରାମଙ୍କ ମୃତ ଶରୀରକୁ ବ୍ରହ୍ମପୁରଠାରେ ପରିବାରକୁ ହସ୍ତାନ୍ତର କରିଥିବା ବାପା ଅଭିରାମ ସାହୁ କହିଛନ୍ତି। ବଳରାମଙ୍କ ପରିବାର ଲୋକେ ମୃତଦେହକୁ ଶ୍ମଶାନକୁ ନେବା ପାଇଁ ପ୍ରସ୍ତୁତି ସରିଥିବା ବେଳେ ସ୍ତ୍ରୀ ଗୀତାଞ୍ଜଳି ବଳରାମର ମୃତ୍ୟୁକୁ ସନ୍ଦେହ କରି ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରି ନଂ.୧୯/୨୩ରେ ଅପମୃତ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲ ପଠାଇଥିଲା। ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ । ଏ ନେଇ ବଳରାମର ବାପାଙ୍କସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ ତାଙ୍କ ପୁଅ ବଳରାମ ଜଣେ ହୃଦରୋଗୀ ଥିବା ସହ ମେଡିସିନ ଖାଉଥିଲେ। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ରହସ୍ୟ ଜଣାପଡିବ ବୋଲି ପୋଲିସ କହିଛି।

# ଗ୍ରାମୀଣ ଶିଳ୍ପ ଉଦ୍ୟାନ ଅଗ୍ରଗତିର ସମୀକ୍ଷା କଲେ ଓରମାସ୍ ସିଇଓ



ଛତ୍ରପୁର, ୮।୧୦ (ଦିଲୀପ ସାମଲ/ସନ୍ତୋଷ ପାଢୀ)

ଓଡିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ଅତିରିକ୍ତ ସଚିବ ତଥା ଓରମାସ ସିଇଓ ପୁନମ ଗୁହା ରବିବାର ଗଞ୍ଜାମ ଜିଲା ଗସ୍ତରେ ଆସି ଗ୍ରାମୀଣ ଶିଳ୍ପ ଉଦ୍ୟାନ ଅଗ୍ରଗତିର ସମୀକ୍ଷା କରିଛନ୍ତି । ଏହା ସହିତ ଛତ୍ରପୁର, ଗଞ୍ଜାମ, ହିଞ୍ଜିଳି, ଶେରଗଡ ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଗ୍ରାମାଞ୍ଚଳରେ ପିଜି ଓ ମିଶନ ଶକ୍ତି ସଦସ୍ୟାମାନଙ୍କ ଜୀବିକା ବୃଦ୍ଧି ପାଇଁ କରାଯାଇଥିବା ପ୍ରକଳ୍ପଗୁଡିକ ତଦାରଖ କରି ଆଲୋଚନା କରିଥିଲେ। ପ୍ରଥମେ ଛତ୍ରପୁର ବ୍ଲକ ଅନ୍ତର୍ଗତ ଚମାଖଣ୍ଡି ଠାରେ ଥିବା ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ ବୁଲି ଦେଖିବା ସହିତ ଖାଦ୍ୟ ଉତ୍ପାଦକ ୟୁନିଟ, ଉତ୍ପାଦକ ଗୋଷ୍ଠୀ ଓ ମିଶନ ଶକ୍ତି ସଦସ୍ୟାଙ୍କ ଦ୍ୱାରା କରାଯାଇଥିବା ଝାଡୁ ପ୍ରସ୍ତୁତ, ଚିନା ବାଦମରୁ ତେଲ ପ୍ରସ୍ତୁତ, କିଆପତ୍ରରୁ କରାଯାଉଥିବା ବିଭିନ୍ନ ସାମଗ୍ରୀ, ମିକ୍ସଚର ୟୁନିଟ, ଚିଲି ଓ ଟମାଟ ସସ୍ ସହିତ ବିଭିନ୍ନ କାର୍ଯ୍ୟ ଦେଖିଥିଲେ । ଛତ୍ରପୁରଠାରେ ଥିବା ମିଶନ କାଫେ ଓ ଗଞ୍ଜାମ ହାଟ, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟା ଯୋଜନା ଦ୍ୱାରା ପରିଚାଳିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଦାନ କରାଯାଉଥିବା ତାଲିମ ଏବଂ ପ୍ରାକ୍ଟିକାଲ କ୍ଲାସ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହାପରେ ନରେନ୍ଦ୍ରପୁରଠାରେ ଛତୁ ଚାଷ, ଦୁଗ୍ଧ ଚାଷ ଏବଂ ଗଞ୍ଜାମ ବ୍ଲକର ରାମଗଡ ଠାରେ ହୋଇଥିବା ଅର୍କିଟ ଚାଷ ବୁଲି ଦେଖିଥିଲେ। ଏହି ସମୟରେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତିଭାସନ, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ସଂଯୋଜକ ନବୀନ ସେନାପତି, ଓରମାସର ଡେପୁଟି ସିଇଓ ସତ୍ୟସୁନ୍ଦର ପାଇଟାଲ, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ଏବିଡିଓ ଜୟଶ୍ରୀ ନାୟକଙ୍କ ସମେତ ଉତ୍ପାଦକ ଗୋଷ୍ଠୀ, ଏମବିକେ, ସିଆରପି, ବ୍ୟାଙ୍କ ମିତ୍ରଙ୍କ ସମେତ ମିଶନ ଶକ୍ତିର ମା'ମାନେ ଉପସ୍ଥିତ ଥିଲେ।

# ଯୁଗେ ଯୁଗେ ଗାନ୍ଧୀ ଆଲୋଚନାଚକ୍ର



ମୋହନା,୮।୧୦(ମନ୍ମଥ ମିଶ୍ର)

ମୋହନା ହିଲଟପ ସ୍ନାତକ ମହାବିଦ୍ୟାଳୟରେ 'ଯୁଗେ ଯୁଗେ ଗାନ୍ଧୀ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ଦର୍ଶନର ମୂଳତତ୍ତ୍ୱ ସତ୍ୟ ଓ ଅହିଂସା 'ଯୁଗେ ଯୁଗେ ଗାନ୍ଧୀଙ୍କ ବିଚାର ଓ ସିଦ୍ଧାନ୍ତ ପ୍ରାସଙ୍ଗିକ ଓ ପ୍ରେରଣାର ଉତ୍ସ। ବର୍ତ୍ତମାନ ବିଶ୍ୱରେ ମାନବିକ ମୂଲ୍ୟବୋଧର ସଙ୍କଟ ବେଳେ ଗାନ୍ଧୀଙ୍କ ସିଦ୍ଧାନ୍ତ ଏହି ସଙ୍କଟରୁ ଆମକୁ ଉଦ୍ଧାର କରିପାରିବେ ବୋଲି ଏଥିରେ ଯୋଗଦେଇଥିବା ବକ୍ତାମାନେ ମତ ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଶୁଭ୍ରକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ନ୍ୟାୟଧୀଶ ତଥା ବିଶିଷ୍ଟ ଗାନ୍ଧିବାଦୀ ନେତା ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ଗାନ୍ଧୀନିଧିର ସଭ୍ୟ ଡ. ଶଶୀଭୁଷଣ ରଥ (ସ୍ୱୟଂ ଶାସିତ) ମହିଳା ମହାବିଦ୍ୟାଳୟର ଅଧାପକ ସାନ୍ତୁନୁ କୁମାର ସୁନା ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ହିଲଟପ ଉଚ୍ଚ ମାଧମିକ ବିଦ୍ୟାଳୟର ବରିଷ୍ଠ ଅଧାପକ ଭଗବାନ ବିଷୋୟୀ ଯୋଗଦେଇଥିଲେ। ଆଇକ୍ୟୁଏସି ସଂଯୋଜକ ଡ. ପ୍ରଣାବାନନ୍ଦ ପାଲ୍ଲୁଶୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଏକ ଶାଖା ଖୋଲିବା ପାଇଁ ମୁଖ୍ୟ ଅତିଥି ଘୋଷଣା କରିଥିଲେ।

### ରାୟଗଡ଼ରେ ମେଡିକୋଭରର ସ୍ୱାସ୍ଥ୍ୟ ଶିବିର

ରାୟଗଡ଼(ଗଜପତି), ୮।୧୦(ଜ୍ୟୋତି ପ୍ରସାଦ ପାଣି)

ରାୟଗଡ଼ ବ୍ଲକ ସଦର ମହକୁମାସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲାରେ ଥିବା ମେଡିକୋଭର ମେଡିକାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ବିନୟ କୁମାର, ଡ. ଦିଲ୍ଲୀପ କୁମାର, ସ୍ୱାସ୍ଥ୍ୟ କର୍ମୀ ସୁଦୀପ କୁମାର ଜେନାଙ୍କ ସମେତ ପ୍ରାୟ ୧୫ ଜଣିଆ ଟିମ୍ ଆସି ବିଭିନ୍ନ ପ୍ରକାରର ପରୀକ୍ଷା, ଇସିଜି ଆଦି ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଥିବା ନେଇ ସଚେତନତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସାଇ ରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଏନ୍. ଭୂପତି ଚୌଧୁରୀ, କାଶୀ ଆଚାରୀ, ଅଶୋକ ପାଇକ, ମହେଶ୍ୱର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବଗୋଷ୍ଠୀ ସଚେତନ ହେଲେ ସାଇବର ଅପରାଧ କମିବ

ଭଞ୍ଜନଗର,୮।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର ଆମ ପୋଲିସ ସମିତି, ଗଞ୍ଜାମ ଜିଲା ପୋଲିସ ଏବଂ କ୍ରାଇମବ୍ରାଞ୍ଚ ଅପରାଧ ଶାଖା ପକ୍ଷରୁ ମିଳିତ ଭାବେ ରବିବାର ଭଞ୍ଜନଗର ସହରରେ ଏକ ସଚେତନତା ରାଲି ହୋଇଥିଲା। କେ ଏସ ୟୁ ବି କଲେଜ, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ଘୁମୁସର ନର୍ସିଂ କଲେଜ, ବିଇଡି କଲେଜ ଛାତ୍ରୀଛାତ୍ରଙ୍କ ସମେତ 'ବିପଦର ବନ୍ଧୁ' କର୍ମକର୍ତ୍ତାମାନେ ଭାଗ ନେଇଥିଲେ। ଅନୁଷ୍ଠିତ ସଚେତନତା ସଭାରେ ଡିଏଫଓ ସୁଦର୍ଶନ ବେହେରା, ଭଞ୍ଜନଗର ଏଏସପି ପ୍ରଫୁଲ୍ଲ କୁମାର ବଡଜେନା, ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଥାନା ଅଧିକାରୀ ଭଗବାନ ପୂଜାରୀ, ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଟାଟା ପାୱାର ସହକାରୀ ଯନ୍ତ୍ରୀ ବେହେରା, ଏସଡିଏମଓ ଡଃ ସିତାଂଶୁ ସତପଥୀ ପ୍ରମୁଖ ଯୋଗଦେଇ ଯୁବଗୋଷ୍ଠୀ ସଚେତନ ହେଲେ ସାଇବର ଅପରାଧ କମିବ ବୋଲି କହିଥିଲେ। ଜିଲା ପ୍ରତିନିଧି ଭାବେ ଆସିଥିବା ଏଏସପି ରଞ୍ଜିତ ପୃଷ୍ଟି ସଭା ସଂଯୋଜନା କରିଥିଲେ। ଆମ ପୋଲିସ ସମିତି କର୍ମକର୍ତ୍ତା ଅନୁପମ ବାନାର୍ଜୀ, କୃତିବାସ ବିଶାଳ, ଡଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସୁଶାନ୍ତ ମହାପାତ୍ର, ଜଗଦୀଶ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ପ୍ରତିଯୋଗିତା

ହାତୀଓଟ,୮।୧୦(ରଞ୍ଜୟ ପାଣିଗ୍ରାହୀ)

ସ୍ଥାନୀୟ ହାତୀଓଟ ନୋଡାଲ ହାଇସ୍କୁଲ ଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନରେ ପ୍ରାୟ ୨୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲା ବେଳେ କୁଇଜ ପ୍ରତିଯୋଗିତାରେ ପ୍ରାୟ ୨୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିବା ପାଇଁ ଏକ ସଭାର ମଧ ଆୟୋଜନ ହୋଇଥିଲା। ଆୟୋଜିତ ଉକ୍ତ ସଭାରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମାଶଙ୍କର ଦାସଙ୍କ ସଭାପତିତ୍ୱ କରିଥିଲେ। ବନ ସଂରକ୍ଷକ ସଚିନ କୁମାର ପ୍ରଧାନ ମୁଖ୍ୟଅତିଥି, ଉପବନାଞ୍ଚଳ ଅଧିକାରୀ ନନ୍ଦକିଶୋର ସିଂ ମୁଖ୍ୟବକ୍ତା, ବନପାଳ ସରସ୍ୱତୀ ନାୟକ ଓ ବନରକ୍ଷୀ ସୁବୋଧ କୁମାର ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥି ମାନେ ବନ୍ୟପ୍ରାଣୀ ସପ୍ତାହର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ଶିକ୍ଷକ ଶୁଭକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଇକିଆରେ ସାଇବର ସଚେତନତା ରଥ

ରାଇକିଆ, ୮।୧୦ (ପ୍ରଦୀପ ବେହେରା)

ସଚେତନତା ଓ ସତର୍କତା ଦ୍ୱାରା ହିଁ ସାଇବର ଅପରାଧକୁ ରୋକି ହେବ। ଏହି ବାର୍ତ୍ତାକୁ ନେଇ ସାଇବର ଠକେଇ ସଚେତନତା ଲାଗି କନ୍ଧମାଳ ଜିଲା ପୋଲିସ ତରଫରୁ ସାଇବର ସଚେତନତା ରଥ ଶନିବାର ରାଇକିଆ ପରିକ୍ରମା କରିଛି। ସାଇବର ସୁରକ୍ଷା ରଥ ରାଇକିଆଠାରେ ପହଞ୍ଚିବା ପରେ ଜନସାଧାରଣ ଛାତ୍ରଛାତ୍ରୀ ଚୂନପଲ୍ଲୀଠାରେ ସ୍ୱାଗତ କରିଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ସାଇବର ସୁରକ୍ଷା ରଥକୁ ସହର ସାରା ପରିକ୍ରମା କରିବା ପରେ ପ୍ରଥମେ ରାଇକିଆ ବସଷ୍ଟାଣ୍ଡ ପରେ ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟ ଠାରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଡିଏସ୍‌ପି ହୃଷୀକେଶ ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ସାଇବର ଆଇଆଇସି ତରୁଣ ତପନ ବେହେରା ଏଥିରେ ସହଯୋଗ କରୁଛନ୍ତି। ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ଆୟୋଜିତ ସଭାରେ ରାଇକିଆ ବିଡିଓ ଶରତ ଚନ୍ଦ୍ର ପାତ୍ର , ରାଇକିଆ ବ୍ଲକ ଅଧକ୍ଷ ପ୍ରୀତମ ପ୍ରଧାନ, ରାଇକିଆ ଏସଆଇ ଅଶୋକ ତ୍ରିପାଠୀ, ମହାବିଦ୍ୟାଳୟ ସଭାପତି ରାଜମୋହନ ଦିଗାଳ, ପଦ୍ମ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ସଚେତନ କରିଥିଲେ।

# ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ବାଲିଗୁଡା,୮।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)

ଆଗାମୀ ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଏବଂ କାଳୀପୂଜା ପାଇଁ ଶନିବାର ବାଲିଗୁଡା ଉପଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲାପାଳ ମଧୁମିତା ସଭାପତିତ୍ୱ କରିଥବଲେ। ମା' ପାଟଖଣ୍ଡା ଦୁର୍ଗାପୂଜା ସମିତିର ସଭାପତି ଲଳିତ କୁମାର ପାତ୍ର ଏବଂ ସମ୍ପାଦକ ଶିବରାମ ପ୍ରଧାନୀ ପୂଜାରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ୨୨ ତାରିଖ ରବିବାର ଖଡଗ ନଦୀରୁ କଳସ ଯାତ୍ରାରେ ଆସି ଗ୍ରାମଦେବୀଙ୍କୁ ଆମନ୍ତ୍ରଣ ପରେ ପୂଜାକାର୍ଯ୍ୟ ଆରମ୍ଭ ହେବ। ୨୪ ତାରିଖ ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଖେଳ ପଡିଆରେ ରାବଣ ପୋଡି ଉତ୍ସବ ହେବ। ୨୭ରେ ଭସାଣି ଉତ୍ସବ,୨୮ରେ ଲକ୍ଷ୍ମୀପୂଜା ଓ ୨୯ରେ ଭଷାଣି ଉତ୍ସବ ହେବ ଏବଂ ନଭେମ୍ବର ୧୨ରେ ଶ୍ୟାମାକାଳୀ ପୂଜା ଓ ଦୀପାବଳି ଉତ୍ସବ କରାଯିବ। ନଭେମ୍ବର ୧୪ ରେ ମା' କାଳୀଙ୍କ ଭସାଣି ଉତ୍ସବ କରାଯିବ ବୋଲି ସମିତି ତରଫରୁ ପ୍ରକାଶ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ବୈଠକ ପରିଚାଳନା କରିଥିବା ବେଳେ ସ୍ଥାନୀୟ ମା' ପାଟଖଣ୍ଡା ଦୁର୍ଗାପୂଜା ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଏନ୍‌ଏସି ଝାଡୁଦାରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଗଞ୍ଜାମ,୮।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍‌ଏସି ଇଓ ଅବିନାଶ ମିଶ୍ରଙ୍କୁ ବଦଳି ହୋଇଛି। ଏହାକୁ ପ୍ରତିବାଦ କରି ଏନଏସିର ସମସ୍ତ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ମହିଳା, ପୁରୁଷ ସୁଇପରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏନଏସି ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ କରିଥିଲେ। ବଦଳି ପ୍ରତ୍ୟାହାର କରାନଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ତହସିଲଦାର ଜିଲା ଉଚ୍ଚ ପ୍ରଶାସନ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନଏସି ଅସ୍ଥାୟୀ ସୁଇପରମାନେ ସାନିଟେସନ ତଥା ସଫେଇ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବେ ବୋଲି ସୂଚନା ଦେଇଛନ୍ତି। ରବିବାର ଏନଏସିରେ ସଫେଇ କାର୍ଯ୍ୟ ହୋଇନାହିଁ। ସୁଇପରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି।

# ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ



ଖଜୁରୀପଡା, ୮।୧୦(ବିଦୁର ବେହେରା)

ଖଜୁରୀପଡା ସଦର ମହକୁମାସ୍ଥିତ ଅଗ୍ନିଶମ ବାହିନୀ ପକ୍ଷରୁ ଅରାପାଜୁ ପଞ୍ଚାୟତ ମୁଖ୍ୟାଳୟ ଭାଲିଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଚି। ବିଦ୍ୟାଳୟରେ ରୋଷଇ ସମୟରେ ନିଆଁ ଲାଗିଲେ ଦମକଳ ବାହିନୀଙ୍କୁ ଯୋଗାଯୋଗ କରିବା ଏବଂ ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ନିଜକୁ ଏବଂ ଧନଜୀବନ କିଭଳି ରକ୍ଷା କରାଯିବ ସେନେଇ ସମସ୍ତଙ୍କୁ ଡେମୋ ଦେଖାଇ ସଚେତନତା କରାଯାଇଥିଲା। ସେହିଭଳି ଦୁର୍ଘଟଣା, ଘରପୋଡି, ବନ୍ୟା ବାତ୍ୟାଠାରୁ ଆରମ୍ଭ କରି ବିଭିନ୍ନ ଆପଦ ବିପଦ ବେଳେ କିଭଳି ଜରୁରୀ ସୁରକ୍ଷା ଆପଣାଇ ହେବ ସେସବୁର ମକଡ୍ରିଲ କରିଥିଲେ। ଆଗାମୀ ସମୟରେ ଆହୁରି କିଛି ବିଦ୍ୟାଳୟରେ ମକଡ୍ରିଲ କରାଯାଇ ସଚେତନତା କରାଯିବ ବୋଲି ଅଗ୍ନିଶମ ଅଧିକାରୀ ଭି. ଦିଲ୍ଲୀପ ରାଓ କହିଛନ୍ତି।

# ଓଡ଼ିଶାବାସୀଙ୍କ ସ୍ୱାଭିମାନ ରକ୍ଷା ପାଇଁ ବିଜେଡିର ସଂଗ୍ରାମ ଜାରି

## ଜନସମ୍ପର୍କ ପଦଯାତ୍ରା

ଚିକିଟି,୮।୧୦(ପ୍ରକାଶ ଚନ୍ଦ୍ର ସାହୁ)/ ଆସିକା(ସୁରେନ୍ଦ୍ରନାଥ ସାହୁ)/ ଫୁଲବାଣୀ(ରାକେଶ କୁମାର ରାଉତ)

ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆପଡା ଗ୍ରାମରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ଆୟୋଜିତ ଏକ ସାଧାରଣ ସଭାରେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଯୋଗାଦଇ ଓଡିଶାବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନକୁ ରକ୍ଷା କରିବା ପାଇଁ ବିଜେଡି ଦଳ ସଂଗ୍ରାମ ଜାରି ରଖିଛି ବୋଲି କହିଥିଲେ। ପଦଯାତ୍ରାରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ବିଜେଡି ଜିଲା ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧକ୍ଷ ସୁବାଷ ମହାରଣା, ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଚିକିଟି ଏନଏସି ଅଧକ୍ଷା ଦୀପା କୁମାରୀ ସାହୁ, ଭବାନୀ ଶଙ୍କର ସାହୁ, ସଚ୍ଚିଦାନନ୍ଦ ରାଜଗୁରୁଙ୍କ ସମେତ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଆପନା ସେଠୀ, ବ୍ଲକ ବିଜେଡି ସଭାପତି ହାରମ୍ଭ ରେଡ୍ଡୀ,ବରିଷ୍ଠ ନେତା ବି.କୃଷ୍ଣମୂର୍ତ୍ତି, ସୁରେନ୍ଦ୍ର ମଣ୍ଡଳ, ରାମନାଥ ପାଣିଗ୍ରାହୀ, ଭଗବାନ ଗନ୍ତାୟତ, ଏସ.ଧର୍ମାରାଜ, ଲାଲମେଣ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ବାରିକ ପ୍ରଧାନ, ନୂଆପଡା ସରପଞ୍ଚ ବି. ସନମୁଖପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆସିକା ବ୍ଲକର ବାଲିଛାଇ ପଞ୍ଚାୟତରେ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ହୋଇଛି। ବିଧାୟିକାଙ୍କ ସମେତ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ବ୍ଲକ ଉପାଧକ୍ଷା ରେସମା ଦୋରା, ଏନଏସି ଉପାଧକ୍ଷା ଜୟନ୍ତୀ ବିଷୋୟୀ, ଦିଲୀପ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପରିଡା, ମନୋଜ କୁମାର ଦୋରାଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ବିଭିନ୍ନ ଗ୍ରାମକୁ ଯାଇ ବିଜେଡି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ରାଜ୍ୟରେ ବିକାଶର ଧାରାକୁ ଅଧିକ ଗତିଶୀଳ କରିବା ଲାଗି ବିଜେଡି ସରକାରକୁ ଅଧିକ ଶକ୍ତିଶାଳୀ କରିବା ଲାଗି ଲୋକଙ୍କୁ ନିବେଦନ କରାଯାଇଥିଲା। ସେହିପରି ଫୁଲବାଣୀ ବ୍ଲକରେ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ଏମ୍‌ପି ଅଚ୍ୟୁତ ସାମନ୍ତ, ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ସଭାପତି ସରୋଜ କର୍ଣ୍ଣ, ବିଜୁ ଯୁବ ସଭାପତି ବିଷ୍ଣୁ ମଲ୍ଲିକ, ମହିଳା ସଭାପତି ପୁନମ କହଁର ଓ ଛାତ୍ର ସଭାପତି ସୁନୀଲ ସେଠି, ଜିଲା ପରିଷଦ ସଦସ୍ୟ ଚନ୍ଦ୍ରମା କହଁର ପ୍ରମୁଖ ଯୋଗଦେଇଥିଲେ।

